# ଶ୍ରୀକ୍ଷେତ୍ର ସିଟି

୨୮/୫/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୯,୫୧,୨୩୬/- ସୁନା:୦୫.୬୫୦ ଗ୍ରାମ୍ ରୁପା: ୬୬.୬୬୦ ଗ୍ରାମ୍



ପ୍ରଶସ୍ତ ହେଉନି ପ୍ରମୁଖ ରାସ୍ତା

# ଟ୍ରାଫିକ୍ ଜାମ୍‌ରେ ଶ୍ୱାସରୁଦ୍ଧ ଶ୍ରୀକ୍ଷେତ୍ର







ପୁରୀ,୨୮।୫(ସମିସ)

ପୁରୀ ପୌରପାଳିକାର ମହାନଗର ନିଗମ ହୋଇଛି। ଧୀରେ ଧୀରେ ସହରର କଳେବର ବଢୁଛି। ହେଲେ ଗମନାଗମନର ଭିତ୍ତିଭୂମି କିନ୍ତୁ ସୀମିତ। ଫଳରେ ଅଧିକାଂଶ ସମୟ ଟ୍ରାଫିକ୍ ଜାମରେ ଶ୍ୱାସରୁଦ୍ଧ ହେଉଛି ପୁରୀ। ରାସ୍ତା ପ୍ରଶସ୍ତ ହେବାର ନାଁ ନାହିଁ। ଅଥଚ ଭକ୍ତ, ପର୍ଯ୍ୟଟକ ଓ ଗାଡ଼ି ସଂଖ୍ୟା ଦିନକୁ ଦିନ ଦ୍ରୁତ ବେଗରେ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକ ହେଉ କି ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ସମସ୍ତେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଫସୁଛନ୍ତି। ଜରୁରୀକାଳୀନ ସେବା ଜାମ୍‌ରେ ଅଟକି ଯାଉଥିବା ବେଳେ ଜରୁରୀ କାମରେ ଘରୁ ବାହାରିଥିବା ଲୋକେ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରୁ ନାହାନ୍ତି।

୧୦/୧୫ ବର୍ଷ ପୂର୍ବରୁ ପୁରୀକୁ ଯେତେ ବାହାରୁ ଯାତ୍ରୀ ଆସୁଥିଲେ ଏବେ ତା'ର ବହୁଗୁଣା ବଢ଼ିଯାଇଛି। ଶ୍ରୀମନ୍ଦିରକୁ ଏବେ ସାଧାରଣ ଦିନରେ ୫୦/୬୦ ହଜାର ଭକ୍ତ ଆସୁଥିବାବେଳେ ପର୍ବପର୍ବାଣି ଏବଂ ଛୁଟି ଦିନରେ ସଂଖ୍ୟା ଲକ୍ଷେ ଟପିଯାଉଛି। ଏମିତି ବି ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ଆଗ ଅପେକ୍ଷା ଢେର୍ ବୃଦ୍ଧି ପାଇଛି। ଆଜିକାଲି ଟ୍ରେନ୍, ବସ୍ ଅପେକ୍ଷା ଅଧିକାଂଶ ନିଜସ୍ୱ ଗାଡ଼ି କାର୍, ବାଇକ୍‌ରେ ପୁରୀ ଆସିବାକୁ ପସନ୍ଦ କରୁଛନ୍ତି। ପୁରୀରେ ବି ଜନସଂଖ୍ୟା ବୃଦ୍ଧି ପାଇବା ଫଳରେ ଏହା ଏବେ ମହାନଗର ନିଗମ ମାନ୍ୟତା ପାଇଛି। ସାମଗ୍ରିକ ଭାବେ ଦେଖିଲେ ପୁରୀ ସହରରେ ଜନସାଧାରଣ ଏବଂ ଗାଡ଼ିମୋଟର ସଂଖ୍ୟା ଆଶାତୀତ ଭାବେ ବଢ଼ିଯାଇଛି। ଯେଉଁଥିପାଇଁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଶ୍ରୀମନ୍ଦିର ସଂଲଗ୍ନ ଗାଣ୍ଡୁଆ ଚଉରା ଛକ, ବାଲିସାହି-ସ୍ୱର୍ଗଦ୍ୱାର ରାସ୍ତା, ଦୋଳମଣ୍ଡପ ସାହି ଏବଂ ଲୋକନାଥ ରୋଡ୍‌ରେ ସ୍ଥିତି ସବୁଠୁ ସଙ୍ଗୀନ ହୋଇପଡୁଛି। ଦିନେ ଦିନେ ଜାମ୍ ଏମିତି ହେଉଛି ଗାଡ଼ି କଥା ଛାଡ଼ନ୍ତୁ ଏ ସବୁ ରାସ୍ତାରେ ଚାଲି ଚାଲି ଯିବା ବି ମୁସ୍କିଲ୍ ହୋଇଯାଉଛି। ରବିବାର ଓ ପର୍ବପର୍ବାଣିରେ ସହର ଭିତର ରାସ୍ତା ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଆଉ ଏହାରି ଭିତରେ ଏହି ଛୋଟିଆ ସହରର ଗଳିକନ୍ଦି ସବୁ ରାସ୍ତାରେ ଅଟୋଚାଳକଙ୍କ ମନମାନୀ ଦେଖିବାକୁ ମିଳୁଛି। ଅତ୍ୟଧିକ ଭିଡ଼ ପାଇଁ ଅମାନିଆ ଅଟୋ ଚାଳକଙ୍କୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ। ୩/୪ ବର୍ଷ ହେବ ପୁରୀ ସହରରେ ବ୍ୟାଟେରି ଅଟୋ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ ଅନେକ ଚାଳକ ଟ୍ରାଫିକ୍ ନିୟମ ପାଳନ କରୁନାହାନ୍ତି। ଯାତ୍ରୀ ନେବାକୁ ନେଇ ଏକପ୍ରକାର ପ୍ରତିଯୋଗିତା ଚାଲୁଛି। ଫଳରେ ରାସ୍ତା ଉପରେ ଅଟୋ ପାର୍କିଂ ଯୋଗୁଁ ଯାତାୟାତରେ ବାଧା ଉପୁଜୁଛି।

ପୂର୍ବ ସରକାର ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ଲୋକନାଥ ରୋଡ୍, ବାଲିସାହି ସ୍ୱର୍ଗଦ୍ୱାର ରାସ୍ତା, ଦୋଳମଣ୍ଡପ ସାହି ରାସ୍ତା ସମେତ ସୁଭାଷ ବୋଷ ଛକରୁ ସିଟି ରୋଡ୍ ଦେଇ ଭୂଦାନ, ପୁରୀ ବେଳାଭୂମିର ଦିଗବାରେଣି ଛକଠାରୁ ଲାଇଟ୍ ହାଉସ ଛକ, ନବକଳେବର ରୋଡ୍ ପ୍ରଶସ୍ତୀକରଣ ଲାଗି ପ୍ରୟାସ ଆରମ୍ଭ କରିଥିଲେ। ଏପରି କି, ସିଟି ରୋଡ୍ (ସୁଭାଷ ବୋଷ ଛକରୁ ପେଣ୍ଠକଟା) ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଚିହ୍ନ ଦିଆଯାଇଥିଲା। ହେଲେ ରାଜ୍ୟରେ ସରକାର ବଦଳିବା ପରେ ରାସ୍ତା ପ୍ରଶସ୍ତୀକରଣ ଫାଇଲ୍ ଏକପ୍ରକାର ବନ୍ଦ ହୋଇଯାଇଛି। ବିଜେପି ସରକାରକୁ ଦୁଇବର୍ଷ ପୂରିବାକୁ ବସିଲାଣି, କିନ୍ତୁ ଗୋଟିଏ ବି ରାସ୍ତାର କାମ ଆଗେଇନି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୁରୀବାସୀ। ପୁରୀ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱର ଏକ ଆଧ୍ୟାତ୍ମିକ କେନ୍ଦ୍ର। ଦୈନିକ ଏଠାକୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଅସ୍ଥାୟୀ ସମାଧାନ ନୁହେଁ, ଆଗାମୀ ୧୦୦ ବର୍ଷକୁ ନଜରରେ ରଖି ସ୍ୱତନ୍ତ୍ର 'ପୁରୀ ଟ୍ରାଫିକ୍ ମାଷ୍ଟରପ୍ଲାନ୍' ଜରୁରୀ ବୋଲି ଦାବି କରିଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତା ଚିହ୍ନଟ କରି ଯୁଦ୍ଧକାଳୀନ ଭିତ୍ତିରେ ପ୍ରଶସ୍ତୀକରଣ ଆରମ୍ଭ ହେଉ। ଅଟୋ ପାଇଁ ନିର୍ଦ୍ଦିଷ୍ଟ ଷ୍ଟାଣ୍ଡ ଓ ରୁଟ୍ ନିର୍ଦ୍ଧାରଣ ହେଉ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ଜନ ଅସନ୍ତୋଷ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରେ। ସବୁଠୁ ବଡ଼ କଥା ହେଉଛି, ଆଗକୁ ରଥଯାତ୍ରା। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ସରକାର ଏବଂ ପ୍ରଶାସନ ଗୁରୁତ୍ୱର ସହ ନେବା ଦରକାର ବୋଲି ଦାବି କରିଛନ୍ତି ପୁରୀର ବୁଦ୍ଧିଜୀବୀ ଓ ବାହାରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ।

ଧାନକିଣାରେ ଅବ୍ୟବସ୍ଥା

## ଆଜିଠୁ ଆମରଣ ଅନଶନ କରିବେ ହନ୍ତୁକ ଗାଁର ଚାଷୀ

ପୁରୀ,୨୮।୫(ସମିସ)

ଧାନକିଣାରେ ଅବ୍ୟବସ୍ଥା ବିରୋଧ ସମେତ ଅନ୍ୟାନ୍ୟ ଦାବିରେ ପୁରୀ ସଦର ବ୍ଲକ୍ ହନ୍ତୁକ ଗ୍ରାମର ଚାଷୀମାନେ ଗତ ୨୧ ତାରିଖଠାରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୭ ଦିନ ଧରି ଧାରଣା ଦେଇଥିଲେ ହେଁ ସେମାନଙ୍କ ଦାବି ପୂରଣ ହେଲା ନାହିଁ। ତେଣୁ ଶୁକ୍ରବାର ଆମରଣ ଅନଶନ କରିବା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଚାଷୀ ନେତା ଦେବଦତ୍ତ ପ୍ରଧାନ, ରବିନାରାୟଣ ଜେନା, ସରପଞ୍ଚ କନକଲତା ପତି ପ୍ରମୁଖ ଜଣାଇଛନ୍ତି। ସୂଚନାଥାଉ କି, ଚାଷୀମାନେ ଅଭିଯୋଗ କରିଥିଲେ ଯେ, ଗୋବର୍ଦ୍ଧନପୁର ବ୍ୟାରେଜ୍ ସେଚ ଅଞ୍ଚଳର ଚାଷୀ ରବି ଧାନ ଉପରେ ନିର୍ଭରଶୀଳ। ମେ' ମାସରୁ ଧାନ କିଣା ହେବା କଥା, ହେଲେ ମୌସୁମୀ ଆଗମନ ପରେ ବି କିଣା ବ୍ୟବସ୍ଥା ନାହିଁ। ତେଣୁ ସେମାନେ ୫ ଦଫା ଦାବି ନେଇ ଏହି ଧାରଣା ଦେଇଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ଚାଷ ଜମି ଅନୁସାରେ ଟୋକନରେ ଧାନର ପରିମାଣ ନିର୍ଦ୍ଧାରଣ, ପ୍ରତିବର୍ଷ ସରକାରୀ/ବେସରକାରୀ କ୍ଷେତ୍ରରେ ଏମ୍ଏସ୍‌ପିରେ ଧାନକିଣା ସୁନିଶ୍ଚିତ, ଏଫ୍ଏକ୍ୟୁ ଧାନର ମାନ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇ ଧାନରେ ଅଜୈବିକ ପଦାର୍ଥ ଓ ଆର୍ଦ୍ରତା ଅଂଶ ଲିଖିତ ଭାବେ ପ୍ରଦାନ, ହନ୍ତୁକ ସମବାୟ ସମିତିର ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନ ସରକାରୀସ୍ତରରେ କିଣିବା ଏବଂ ଉତ୍ତମ ଅଖା ଯୋଗାଣ କିମ୍ବା ତା'ର ଅର୍ଥ ପ୍ରଦାନ ପାଇଁ ଦାବି କରାଯାଇଛି।

ରଥଖଳାରୁ...

## ଗୁଜ ଉପରେ ନିରାଡ଼ି ସଂଯୋଗ





ପୁରୀ,୨୮।୫(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ୩୮ ଦିନରେ ପହଞ୍ଚିଛି। ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ତିନି ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଆଣି ମୁହାଁଟରେ ପାଞ୍ଚୋଟି ସାଲ ଗୁଜ ଏବଂ ପଛ ଆଣି ମୁହାଁଟରେ ୩ଟି ଜଳଯନ୍ତ୍ର ଏବଂ ଦୁଇପାଶ୍ୱର୍ରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇଛି। ଏହାପରେ ପାଞ୍ଚ ଦଣ୍ଡାର ଦୁଇ ପଟରେ କୁଡ଼ିକା ସଂଯୋଗ ହୋଇ ପାଶ୍ୱର୍ ଦଣ୍ଡା ସଂଯୋଗ କାର୍ଯ୍ୟ ହେବ। ସେହିପରି ପୋଲ ଗୟଳର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ଚିରଟ କରି ଯୋଗାଇ ଦେଇଥିବା ୪୦ ଫୁଟିଆ ପୋଲ ଗୟଳର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ସାଲ ଗୁଜରେ ରୂପ ଖୋଦେଇ ଶେଷ କରି ତୀଖ ଗୁଜଗୁଡ଼ିକରେ ରୂପ ଖୋଦେଇର ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ରୂପକାର ସେବକମାନେ ତିନି ରଥର ବେଦୀ ସିଂହାସନ ମୁହାଁଟିର ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ସହ ପୋଟଳ କଣ୍ଟା ନିର୍ମାଣ ଜାରି ରଖିଥିବାବେଳେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରା ସେବା ନୀତି ତଥା ପୂଜାର୍ଚ୍ଚନା ପାଇଁ ବେଶ ଘୋଡ଼ିଆ ଏବଂ ଫୁଲ ଟାଙ୍ଗଡ଼ା ଫ୍ରେମ୍ ନିର୍ମାଣ ଜାରି ରଖିଛନ୍ତି।

■ ଜିଲ୍ଲା କଂଗ୍ରେସ ନେତୃତ୍ୱଙ୍କୁ ପିସିସି ସହ ପ୍ରଭାରୀଙ୍କ ଗୁରୁମନ୍ତ୍ର

## 'ସରକାରୀ ବିଫଳତାକୁ ଅସ୍ତ୍ର କର'

ପୁରୀ,୨୮।୫(ସମିସ): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ସମୀକ୍ଷା ବୈଠକ ଗୁରୁବାର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସହ ପ୍ରଭାରୀ ମୟୁର ଏସ୍. ଜୟକୁମାର ଯୋଗଦେଇ ପୁରୀ ଜିଲ୍ଲା କଂଗ୍ରେସ କମିଟିର ବିଭିନ୍ନ ବିଭାଗ ତଥା ପ୍ରକୋଷ୍ଠର ସାଂଗଠନିକ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ସରକାରୀ ବିଫଳତାକୁ ବୁଥ୍‌ସ୍ତରୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ କରି ଜନସାଧାରଣଙ୍କୁ ଅବଗତ କରାଇବାକୁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଉପସ୍ଥିତ ଥିଲେ। ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା, ବିଶ୍ୱଭୂଷଣ ଦାସ, ପିସିସି ସମ୍ପାଦିକା ଶିଲ୍ପୀଶ୍ରୀ ହରିଚନ୍ଦନ, ନିରୁପମା ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ପୂର୍ବତନ ରାଜ୍ୟ କୃଷକ ସେଲ ସଭାପତି ଅମିୟ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ପୂର୍ବତନ ଏଆଇସିସି ସଭ୍ୟ ସୁଜିତ୍ ମହାପାତ୍ର, ପୁରୀ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ଜିଲ୍ଲା ସେବା ଦଳ ମୁଖ୍ୟ ସଂଗଠକ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ଲଲାଟେନ୍ଦୁ ଦାସ, ସସ୍ମିତା ସ୍ୱାଇଁ, ସତ୍ୟବାଦୀ ବ୍ଲକ୍ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ପୁରୀ ସହର କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ପୁରୀ ସଦର ବ୍ଲକ୍ ସଭାପତି କପିଳ ପ୍ରସାଦ ଷଡ଼ଙ୍ଗୀ, ନିମାପଡ଼ା ବ୍ଲକ୍ କଂଗ୍ରେସ ସଭାପତି କାଳନ୍ଦୀ ବାରିକ, ବିଚିତ୍ରାନନ୍ଦ ଦାଶ, ସୌମ୍ୟକାନ୍ତ ଖୁଣ୍ଟିଆ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଡେଲାଙ୍ଗ ବ୍ଲକ୍ ସଭାପତି ନିର୍ମଳ ପରିଡ଼ା, ଆର୍ତ୍ତତ୍ରାଣ ସାହୁ, ଅମିୟ ଦାସଙ୍କ ସମେତ ଶତାଧିକ ଦଳିତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

● ବଡ଼ଦାଣ୍ଡରୁ ଅଭିଯୁକ୍ତଙ୍କୁ ଟେକିନେଲା ପୁଲିସ

## ମାଗଣା ଖଜା ପାଇଁ ଠେଲାପେଲା

ପୁରୀ,୨୮।୫(ସମିସ): ଅପରାଧିକ ମାମଲାରେ ଜଡ଼ିତ ଜଣେ ଖଜା ବେପାରୀଙ୍କୁ ପୁଲିସ ବଡ଼ଦାଣ୍ଡରୁ ଟେକି ନେଲା। ଏହାପରେ ତାଙ୍କ ଖଜା ନେଇଯିବା ପାଇଁ ଲୋକଙ୍କ ଭିତରେ ହୋଇଥିଲା ଠେଲାପେଲା। ମାଗଣାରେ ଖଜା ନେବାକୁ ଏକ ଅଘୋଷିତ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା ବଡ଼ଦାଣ୍ଡରେ। ଗୋଟିଏ ବଡ଼ ପାତ୍ରରେ ପୂର୍ଣ୍ଣ ଥିବା ଖଜା କେଇ ସେକେଣ୍ଡ ଭିତରେ ଖାଲି କରିଦେଇଥିଲେ।

ପୁରୀ ସହରରେ ଖଜା ମାଫିଆଙ୍କ ଉତ୍ପାତ ଓ ଦାଦାବଟି ଆଦାୟ ଘଟଣାରେ ଟାଉନ ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଟିତୋଟା ସୁଜାତା ନଗରରେ ରହୁଥିବା କଣାସ ଥାନା ବିଜିପୁର ଗ୍ରାମର ଜଗନ ମହାପାତ୍ର (୨୫)। ଅଭିଯୁକ୍ତ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଓ ୪୩୦୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଗତ ୨୩ ତାରିଖରେ ଘଟିଥିବା ଖଜା ମାଫିଆ ଉତ୍ପାତ ଘଟଣାରେ ଜଗନର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ତାଙ୍କୁ ଗିରଫ କରି ଗୁରୁବାର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଯାଇଛି। ତଦନ୍ତ ସମୟରେ ଜଗନ ପୂର୍ବରୁ ଦାଦାବଟି ଆଦାୟ ଓ ଆକ୍ରମଣ ସମ୍ବନ୍ଧୀୟ ଏକାଧିକ ମାମଲାରେ ଜଡ଼ିତ ଥିବା ପୁଲିସ ଜାଣିବାକୁ ପାଇଛି। ଏହି ଘଟଣାରେ ପୂର୍ବରୁ ସୁମନ ମହାପାତ୍ର ଓ ବଳଭଦ୍ର ସେନାପତିଙ୍କୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଥିଲା। ରାସ୍ତାରେ ଅଶାନ୍ତି ସୃଷ୍ଟି କରୁଥିବା ଅପରାଧୀମାନଙ୍କ ବିରୋଧରେ ଆହୁରି କଡ଼ା ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁରୀ ପୁଲିସ ପକ୍ଷରୁ କୁହାଯାଇଛି।

## ଖୋଲିଲା ଶ୍ରୀରାମ ନାମ ଆଧ୍ୟାତ୍ମିକ ସଞ୍ଚୟ ଖାତା

ପୁରୀ,୨୮।୫(ସମିସ): ଶ୍ରୀଜଗନ୍ନାଥ ଓଡ଼ିଆ ବାବା ଅଯୋଧ୍ୟା ପକ୍ଷରୁ ଓଡ଼ିଆ ମଠ ପରିସରରେ ଶ୍ରୀରାମ ନାମ ଆଧ୍ୟାତ୍ମିକ ସଞ୍ଚୟ ଖାତା ଖୋଲିବା ଏବଂ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ଅନୁଷ୍ଠାନର ଅଧ୍ୟକ୍ଷ ଆମ୍ ରାମଶରଣ ଦାସ ଯୋଗଦେଇ ଓଡ଼ିଆମାନଙ୍କର ଈଶ୍ୱରୀୟ ଭାବନା ଉପରେ ଆଲୋକପାତ କରିଥିଲେ। ଅଯୋଧ୍ୟାରେ ଥିବା ପୁରାତନ ଓଡ଼ିଆ ମଠର ପୁନରୁଦ୍ଧାର ସହ ଅଯୋଧ୍ୟାର "ଓଡ଼ିଆ ମଠ ଓଡ଼ିଶାର ଅଧିକାର' ନିମନ୍ତେ ସମସ୍ତ ଓଡ଼ିଆଙ୍କୁ ପ୍ରେରିତ କରିଥିଲେ। ପୂଜ୍ୟ ଓଡ଼ିଆ ବାବାଙ୍କ ଅଦମ୍ୟ ଚେଷ୍ଟା ଫଳରେ ପରମ ପାବନ ସରଜୁ ନଦୀ କୂଳରେ ଶ୍ରୀଜଗନ୍ନାଥ ନିତ୍ୟ ଆରତୀ ଘାଟ ନାମରେ ଏକ ଦିବ୍ୟ ଘାଟ ନିର୍ମାଣ କରାଯାଇଛି, ଯାହା ଓଡ଼ିଆମାନଙ୍କର ପବିତ୍ର ଅଯୋଧ୍ୟାରେ ଏକ ପରିଚୟ ସୃଷ୍ଟି କରିଛି। ଏହି ବୈଠକରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ନୀଳିମା ମିଶ୍ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଉପସଭାପତି ସମୀର ପଣ୍ଡା, ରାଜ୍ୟ ସମ୍ପାଦକ ବିରଞ୍ଚି ରାଉଳ, କୋଷାଧ୍ୟକ୍ଷ ପ୍ରଭାକର ବେହେରା ଏବଂ ବିଭିନ୍ନ ଜିଲ୍ଲାର ସଭାପତି, ୫ଟି ଜୋନ୍‌ର ଜୋନାଲ୍ ପ୍ରେସିଡେଣ୍ଟ ଏବଂ ରାଜ୍ୟ ସଂଗଠନ ଉପଦେଷ୍ଟାମାନଙ୍କୁ ଚୟନ କରାଯାଇଥିଲା। ଏଥିରେ ହିନ୍ଦୁ ମହାସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଲାଲା ଅନନ୍ତ କୁମାର ସିଂହ ଯୋଗଦେଇଥିଲେ। ପୁରୀ ଜୋନ୍‌ର ଜୋନାଲ ସଭାପତି ଅମୂଲ୍ୟ ମହାନ୍ତି ଶାନ୍ତିପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନର ପ୍ରାକ୍ ତାଲିମ କାର୍ଯ୍ୟକ୍ରମ



ପୁରୀ,୨୮।୫(ସମିସ): କେବଳ ରଥଯାତ୍ରା କିମ୍ବା ହବିଷ୍ୟାଳି ସମୟରେ ନୁହେଁ ବରଂ ଠାକୁରଙ୍କ ପ୍ରତିଟି ଯାନିଯାତ୍ରାରେ ମିଶନ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସ ପୁରୀ ଯେପରି ଭକ୍ତ, ପର୍ଯ୍ୟଟକଙ୍କୁ ସେବା ଯୋଗାଇଥାଏ ତାହା ଅତୀବ ପ୍ରଶଂସନୀୟ ବୋଲି କହିଛନ୍ତି ଜରୁରୀକାଳୀନ ଅଧିକାରୀ ଅନୁଷ୍ଟ୍ରବ ଗନ୍ତାୟତ। ଆଗାମୀ ରଥଯାତ୍ରା ଉପଲକ୍ଷେ ଡିଭିଜନ ତରଫରୁ ଓଡ଼ିଶା ସଙ୍ଗୀତ ପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ତାଲିମ ଶିବିରକୁ ଉଦ୍‌ଘାଟନ କରି ସେଣ୍ଟ ଜନ୍ ଓଡ଼ିଶା ଶାଖାର ଅବୈତନିକ ସମ୍ପାଦକ ନିଧି କୁମାର ରାଉତରାୟ କହିଥିଲେ, ପ୍ରାଥମିକ ଚିକିତ୍ସା ମାଧ୍ୟମରେ ବ୍ରିଗେଡ୍‌ମାନେ ଯେପରି ଅସହାୟ ନିଃସହାୟଙ୍କୁ ସେବା ଦେଇଆସୁଛନ୍ତି ସେ ଦିଗରେ ପୁରୀ ଡିଭିଜନର ସେବାରେ ସମର୍ପଣ ଭାବକୁ ଏହି ଜାତି ସ୍ମରଣ ରଖିବ। ଡିଭିଜନର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସମାଜସେବୀ ପ୍ରସନ୍ନ ମିଶ୍ର, ଆମ୍ବୁଲାନ୍ସର ୫୦ ବର୍ଷ ତଳର ବ୍ରିଗେଡ୍ ବଦ୍ରି ମିଶ୍ର, ରେଡ୍‌କ୍ରସର ବରିଷ୍ଠ କର୍ମକର୍ତ୍ତା ଜୟନ୍ତୀ ମହାପାତ୍ର ଓ ମଧୁମିତା ମହାପାତ୍ର, ଅନୁଷ୍ଠାନର ସ୍ୱାସ୍ଥ୍ୟ କର୍ମକର୍ତ୍ତା ପବିତ୍ର କୁମାର ପ୍ରଧାନ ଯୋଗଦେଇଥିଲେ। ଡିଭିଜନ କମାଣ୍ଡର ଅଜୟ ପ୍ରଧାନ, ବ୍ରିଗେଡ୍ ସବ୍ୟସାଚୀ ସେନାପତି ଓ ଅଜୟ ଦାସ ପ୍ରମୁଖଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ସେଣ୍ଟ ଜନ୍ ଆମ୍ବୁଲାନ୍ସର ତାଲିମପ୍ରାପ୍ତ ବ୍ରିଗେଡ୍‌ମାନଙ୍କୁ କେନ୍ଦ୍ର ଡିଭିଜନର ପ୍ରଶଂସା ପତ୍ର ପ୍ରଦାନ କରାଯିବା ସହ ୨୦୨୫ ରଥଯାତ୍ରାର ସଫଳ ସେବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୭୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଆଗାମୀ ରଥଯାତ୍ରାରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ ବ୍ରିଗେଡ୍‌ମାନେ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ହୋଇ ଶୃଙ୍ଖଳିତ ଭାବେ ସେବା ପ୍ରଦାନ କରିବେ ବୋଲି କହିଛନ୍ତି ଯୁଗ୍ମ ସମ୍ପାଦକ ଶ୍ରୀ ମିଶ୍ର।

୫୮ ଦିନରେ ପୁରୀବାସୀଙ୍କୁ ଦର୍ଶନ ସୁବିଧା ପ୍ରତିବାଦ ପଦଯାତ୍ରା

# ଶ୍ରୀମନ୍ଦିରକୁ ଭିଆଇପି ସେବା ବନ୍ଦ ହେଉ

ପୁରୀ,୨୮।୫(ସମିସ)



ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ ସରକାର କି ଜିଲ୍ଲା ପ୍ରଶାସନ କେହି ଶୁଣୁନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଗୁରୁବାର ୫୮ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୂହିକ ସଂକଳ୍ପରେ ପରିଣତ କରିଛି। ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ଏକତ୍ର ଅଂଶଗ୍ରହଣ ଏହି ଯାତ୍ରାକୁ ଦେଇଛି ଜୀବନ। ପ୍ରତ୍ୟେକଙ୍କ ମୁହଁରେ ଗୋଟିଏ ପ୍ରାର୍ଥନା ପ୍ରଭୁ ଆମକୁ ଆମ ଅଧିକାର ଫେରେଇ ଦିଅ। ଏହି ଅବସରରେ ପଦଯାତ୍ରୀମାନେ କିଛି ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି ଯେ, ଶ୍ରୀମନ୍ଦିରକୁ ଭିଆଇପି ସେବା ବନ୍ଦ ହେଉ, ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ, ନେତା-ମନ୍ତ୍ରୀ ଆଦି ଧାଡ଼ିରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରନ୍ତୁ ବୋଲି ଦାବି ରଖିଛନ୍ତି।

■ ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ

■ ନେତା, ମନ୍ତ୍ରୀ ଧାଡ଼ିରେ ଆସନ୍ତୁ

ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ନିହାରିକା ତ୍ରିପାଠୀ, ପବିତ୍ରା ନାୟକ, ପ୍ରଣତି ରାୟ, ସରସ୍ୱତୀ ସାହୁ, ପ୍ରତିଭା ନାୟକ, ଛବିରାଣୀ ମହାରଣା, ବିଚିତ୍ରା ମିଶ୍ର, ସନ୍ତୋଷ ସେନାପତି, ବାପିନା ସାମନ୍ତରାୟ, ରାଜେଶ ରଥ, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ରାଜା ମହାନ୍ତି, ଯାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ବାସୁଦେବ ଲେଙ୍କା, କାହ୍ନୁ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର, ନିରଞ୍ଜନ ଶାସମଲ, ଜଗନ୍ନାଥ ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଦୀନେଶ ମହାନ୍ତି, ଶୁଭଶ୍ରୀ ମହାରଣା, ରମେଶ ନାୟକ, ଅଭିମନ୍ୟୁ ରାୟଗୁରୁ, ସୀତା ନାୟକ, ଆଦ୍ୟାଶା ମାହାଲ, ଆଶା ବେହେରା, ବିଜୟ କୁମାର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ମହାନ୍ତି, ଭବାନୀ ମହାପାତ୍ର ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା। ଆବାହକ ଶ୍ରୀ ପଣ୍ଡା କହିଥିଲେ ଯେ, ଯେପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନ ହୋଇଛି ଏହି ଯାତ୍ରା ଥମିବ ନାହିଁ। ଏହା କେବଳ ଏକ ଦାବି ନୁହେଁ, ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ।

